# ଟେକ୍‌ନୋ ଭିଜନ ଉନ୍ମୋଚିତ



ବ୍ରହ୍ମପୁର, ୧୨/୧୧(ଇମିସ): ସ୍ଥାନୀୟ ଉମା ଚରଣ ପଟ୍ଟନାୟକ ଇଂଜିନିୟରିଂ ବିଦ୍ୟାଳୟର ମୁଖପତ୍ର 'ଟେକନୋ ଭିଜନ୍' ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଟେକନିକାଲ୍ ଏଜୁକେସନ ଓ ଟ୍ରେନିଂ, ଓଡିଶା, ର ନିର୍ଦ୍ଦେଶକ ଆର୍.ଏନ. ଦାସ ଯୋଗଦେଇଥିଲେ। ଏହି ଅବସରରେ ସଂପ୍ରସାରିତ ମହିଳା ହଷ୍ଟେଲ ଓ ୱେବ ସାଇଟ ଅଟୋ କ୍ୟାଡ ଟ୍ରେନିଂ ପ୍ରୋଗ୍ରାମ ଉଦଘାଟନ କରିଥିଲେ।ସମ୍ମାନିତ ଅତିଥି ଭାବେ ଷ୍ଟେଟ କାଉନସିଲ ସମ୍ପାଦକ ଏ.କେ. ପାଣିଗ୍ରାହୀ ଓ ଯୁଗ୍ମ ନିର୍ଦ୍ଦେଶକ ଆକାଡେମିକମ୍ ଆର୍.ସି. ରଥ ଯୋଗଦେଇ ଇଂଜିନିୟରିଂ ଶିକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଏଲ୍.କେ.ମହାପାତ୍ର ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ କର୍ମଚାରୀ ଉପସ୍ଥିତ ଥିଲେ। ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ସତ୍ୟରଞ୍ଜନ ରାଜ, ଶରତ କୁମାର ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ଜେନା, ରମେଶ ଚନ୍ଦ୍ର ସାହୁ, ଶ୍ରୀକାନ୍ତ ସାହୁ, ଦୀପକ ଚୌଧୁରୀ, ବସନ୍ତ କୁମାର ଗନ୍ତାୟତ, ଏସ୍.ଏସ୍. ସାହୁ ପ୍ରମୁଖ ଟେକନୋ ଭିଜନ ପତ୍ରିକାର ସମ୍ପାଦନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବିକାଶ ଓ ସମସ୍ୟାଗୁଡିକ ସମ୍ପର୍କରେ ଆଲୋଚନା କରାଯାଇଥିଲା।